# Seventh Round of Foreign Office consultations between India and Chile (14 September, 2021)

September 14, 2021

## ଭାରତ ଏବଂ ଚିଲି ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ (14 ସେପ୍ଟେମ୍ବର 2021)

**ସେପ୍ଟେମ୍ବର 14, 2021**

ଭାରତ ଏବଂ ଚିଲି ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 14 ସେପ୍ଟେମ୍ବର 2021 ରେ ସାଣ୍ଟିଆଗୋଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ନେଇଥିବାବେଳେ ଏବଂ ଚିଲି ଦଳର ନେତୃତ୍ୱ ଚିଲିର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଉପମନ୍ତ୍ରୀ ଶ୍ରୀମତୀ କାରୋଲିନା ଭାଲଡିଭିଆ ଟୋରେସ୍ ନେଇଥିଲେ।

2. ଏଫଓସି ସମୟରେ ଉଭୟ ପକ୍ଷ ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ବିଷୟ ଉପରେ ସମୀକ୍ଷା କରିଥିଲେ ଯେଉଁଥିରେ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ, ପ୍ରତିରକ୍ଷା, କୃଷି, ସ୍ୱାସ୍ଥ୍ୟ ଏବଂ ଔଷଧୀୟ ଉତ୍ପାଦ, ଶକ୍ତି, ମହାକାଶ, ଆଣ୍ଟାର୍କଟିକାରେ ସହଯୋଗ, ବିପର୍ଯ୍ୟୟ ପରିଚାଳନା, ସାଂସ୍କୃତିକ ଏବଂ କନସୁଲାର ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା।

3. କୋଭିଡ-19 ପରିସ୍ଥିତି ଏବଂ ମହାମାରୀ ପରବର୍ତ୍ତୀ ଅର୍ଥନୈତିକ ପୁନରୁଦ୍ଧାରରେ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ସହଭାଗିତା ବୃଦ୍ଧି କରିବାର ସମ୍ଭାବନା ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

4. ଦୁଇ ପକ୍ଷ ସ୍ୱୀକାର କରିଥିଲେ ଯେ ବାଣିଜ୍ୟ ଭାରତ-ଚିଲି ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ ଏବଂ 2006 ରେ ସ୍ୱାକ୍ଷରିତ ଏବଂ 2017 ରେ ବିସ୍ତାରିତ ହୋଇଥିବା ପ୍ରିଫରେନ୍ସିଆଲ୍ ବାଣିଜ୍ୟ ଚୁକ୍ତିନାମାକୁ ଆହୁରି ବିସ୍ତାର କରିବା ପାଇଁ ଚାଲିଥିବା ବୁଝାମଣାରେ ସନ୍ତୋଷ ବ୍ୟକ୍ତ କରିଥିଲେ।

5. ମିଳିତ ଜାତିସଂଘରେ ସହଯୋଗ ସମେତ ସାଧାରଣ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ ବହୁପକ୍ଷୀୟ ମଞ୍ଚରେ ପରସ୍ପର ସହ ନିବିଡ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

6. ପ୍ରତିଷ୍ଠିତ ଦ୍ୱିପାକ୍ଷିକ ମେକାନିଜିମ ମାଧ୍ୟମରେ ପରସ୍ପର ଆଗ୍ରହର କ୍ଷେତ୍ରରେ ଆଲୋଚନାର ଗତି ବଜାୟ ରଖିବାକୁ ଉଭୟ ପକ୍ଷ ସହମତ ହେବା ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନା କରିଥିଲେ। ନୂଆଦିଲ୍ଲୀରେ ପରବର୍ତ୍ତୀ ପର୍ଯ୍ୟାୟ ଏଫଓସି ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ସାଣ୍ଟିଆଗୋ**
**ସେପ୍ଟେମ୍ବର 14, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.